# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଦାନିୟେଲ ଏବଂ ସିଂହର ଗର୍ତ୍ତ

ଲେଖକ: Edward Hughes

ଦୃଷ୍ଟାନ୍ତ: Jonathan Hay

ଉପଯୋଜକ: Mary-Anne S.

ଅନୁବାଦକ: Prasanta Bhuyan

ପ୍ରଯୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଦାରିୟାବସ ବାବିଲର ନୂତନ ଭାବରେ ରାଜା ହେଲ । ସେ ଚତୁର ଲୋକ ଥିଲା । ସେ ନିଜ ଦେଶରୁ ଏକଶତ କୋଡ଼ିଏ ଜଣ ଲୋକ ବାଛିଲା ଯେଉଁମାନେ ରାଜାଙ୍କୁ ରାଜ କାର୍ଯ୍ୟରେ ସହାୟତା କରେବେ ।



ସେହି କ୍ଷତିପାଳଙ୍କ ଉପରେ ତିନିଜଣ ଅଧ୍ୟକ୍ଷ ନିଯୁକ୍ତ କରିବାକୁ ବିହିତ ବୁଝିଲା । ଏହି ତିନିଜଣ ମଧ୍ୟରେ ଦାନିୟେଲ ଏକଜଣ ଥିଲେ ।



ରାଜା ଦାରିୟାବସ ଦାନିୟେଲଙ୍କୁ ଅତ୍ୟଧିକ ସମ୍ମାନ କଲେ. ରାଜା ତାହାଙ୍କୁ ସମୁଦାୟ ରାଜ୍ୟ ଉପରେ ନିଯୁକ୍ତ କରିବାକୁ ମନସ୍ଥ କଲେ ।



ଏଥିରେ ଅନ୍ୟ ରାଜ କର୍ମଚାରିଗଣ ଦାନିୟେଲଙ୍କୁ ଈର୍ଷା କଲେ ।
ସେମାନେ ଦାନିୟେଲଙ୍କ ଦୋଷ ଅନୁଶନ୍ଧାନ କଲେ, ତେଣୁ ସେମାନେ
ଦାନିୟେଲଙ୍କର ରାଜ କାର୍ଯ୍ୟରେ କୌଣସି ଅସୁବିଧା
କରି ପାରିଲେ ନାହିଁ ।



ସେମାନେ ଯେତେ ଚ଼ଷ୍ଟା କଲେ ମଧ୍ୟ, ସେମାନେ ଦାନିୟେଲଙ୍କର କୌଣସି ଦୋଷ ପାଇ ପାରିଲେ ନାହିଁ, କାରଣ ସେ ବିଶ୍ୱସ୍ଥ ଥିଲେ ଓ ତାଙ୍କର କୌଣସି ଭ୍ରାନ୍ତି ଅବା ଅପରାଧ ଦେଖାଗଲା ନାହିଁ । ସେ ମଧ୍ୟ ଶତର୍କ ପରାୟଣ ଓ ଚ଼ତୁର ଥିଲେ । ସେ ସର୍ବଦା ଅତି ଯତ୍ନରେ ନିର୍ଭୁଲ ଭାବରେ କାର୍ଯ୍ୟ କରିବାକୁ ଚ଼େଷ୍ଟା କଲେ ।



ସେହି ଅଧ୍ୟକ୍ଷମାନେ ଜାଣିଥିଲେ ସେମାନେ ଦାନିୟେଲର ପରମେଶ୍ୱରଙ୍କ ବ୍ୟବସ୍ଥା ସମ୍ବନ୍ଧରେ ତାହାର ଦୋଷ ନ ଧରି ପାରିଲେ ଆଉ କୌଣସି ବିଷୟରେ ଦୋଷ ପାଇ ପାରିବା ନାହିଁ । ସେମାନେ ଜାଣିଥିଲେ ସାରା ଜଗତରେ କୌଣସି ବସ୍ତୁ କିଅବା ଲୋକ ତାହାକୁ ଇସ୍ରାଏଲର ସଦାପ୍ରଭୁଙ୍କୁ ଉପାସନା କରିବାରେ ଅଟକାଇ ପାରିବେ ନାହିଁ ।






ଦାନିୟେଲର ବିଧ ଏକ ମନ୍ତ୍ରଣା
କଲେ । ସେମାନେ ଏକ ବଧି
ସ୍ଥାପନ କରି ରାଜାଙ୍କର ହସ୍ତାକ୍ଷର
ନେବାକୁ ସ୍ଥିର କଲେ । ସେହି ବିଧି
ଅନୁସାରେ ଯଦି କେହି ତିରିଶ
ଦିନ ପର୍ଯ୍ୟନ୍ତ କୌଣସି ଦେବତା
କିଅବା ମନୁଷ୍ୟର ନିକଟରେ
ପ୍ରାର୍ଥନା କରିବ ସେ ସିଂହମାନଙ୍କ
ଗର୍ତ୍ତରେ ନିକ୍ଷିପ୍ତ ହେବ ।

ରାଜା ଦାରିୟାବସ ଏକ ନୂତନ ବିଧି ହସ୍ତାକ୍ଷର କଲେ ।





ସେହି ନୂତନ ନିୟମ ଦାନିୟେଲଙ୍କ
ଜୀବନର କୌଣସି ପରିବର୍ତ୍ତନ କଲା ନାହିଁ ।
ସେ ପୂର୍ବରେ ଯେପର କରିଥାଆନ୍ତି ସେପରି
କଲେ । ସେ ଝରକା ମେଲା କରି ଦିନ
ମଧ୍ୟରେ ତିନିଥର ଆଣ୍ଠୁପାତି
ପ୍ରାର୍ଥନା କଲେ ଓ ଆପଣା
ପରମେଶ୍ୱରଙ୍କ
ଛାମୁରେ ଧନ୍ୟବାଦ
ପ୍ରଦାନ କଲେ ।





ସେହି ଇର୍ଷ୍ୟାନ୍ୱିତ
ଦେଶାଧିକ୍ଷଗଣ ରାଜାର
ନିକଟକୁ ଯାଇ ରାଜକୀୟ
ନିଷେଧ ବିଧି ବିଷୟରେ
ତାଙ୍କ ଛାମୁରେ କହିଲେ ।
ରାଜା ଦାରିୟାବସର
ଦାନିୟେଲଙ୍କ ଅକ୍ତିଆର
କରିବା ଅପେକ୍ଷା ଆଉ
କୌଣସି ଉପାୟ
ନଥିଲା ।



ନିୟମ ପାଳନ
କରିବାକୁ ହେବ । ଏବଂ
ଦାନିୟେଲଙ୍କୁ ମରିବାକୁ
ହେବ । ରାଜ ଯେତେ
ଚେଷ୍ଟା କଲେମଧ୍ୟ
ନିୟମ ବଦଳାଇବା
ମାଧ୍ୟମ ପାରିଲେ
ନାହିଁ ।

ତହୁଁ ରାଜା ଆଜ୍ଞା କରନ୍ତେ ସେମାନେ ଦାନିୟେଲଙ୍କୁ ଆଣି ସିଂହମାନଙ୍କ ଗର୍ତ୍ତରେ ନିକ୍ଷେପ କଲେ । ଦାନିୟେଲଙ୍କୁ ସେହି ଭୋକିଲା ସିଂହମାନଙ୍କ ଗର୍ତ୍ତରେ ଫିଙ୍ଗିବା ପୂର୍ବରୁ ରାଜା ଦାରିୟାବସ ଦାନିୟେଲଙ୍କୁ

ତୁମ୍ଭେ ନିତ୍ୟ ନିତ୍ୟ ଯେଉଁ ପରମେଶ୍ୱରଙ୍କର ସେବା କରୁଅଛ ସେ ତୁମ୍ଭକୁ ଉଦ୍ଧାର କରିବେ ।



ସେହି ରାତ୍ରୀରେ ରାଜାଙ୍କର ନିଦ୍ରା ନୋହିଲା । ରାଜା ଅତି ପ୍ରଭାତରେ ଉଠି ସିଂହମାନଙ୍କର ଗର୍ତ୍ତ ନିକଟକୁ କଲା ପୁଣି ସେ ଗର୍ତ୍ତ ନିକଟରେ ଦାନିୟେଲଙ୍କ ପାଖରେ ଉପସ୍ଥିତ ହେଲେ ।





ହେ ଜୀବୀତ ପରମେଶ୍ୱରଙ୍କ
ସେବକ ଦାନିୟେଲ, ତୁମେ ନିତ୍ୟ
ନିତ୍ୟ ଯାହାଙ୍କର ସେବା କରୁଅଛ
ତୁମର ସେହି ପରମେଶ୍ୱର ସିଂହ
ମାନଙ୍କଠାରୁ ତୁମକୁ ଉଦ୍ଧାର
କରିବାକୁ କି  ସମର୍ଥ ଅଟନ୍ତି,
ହୋଇପାରେ ସେ କୌଣସି ଉତ୍ତର
ଆଶା କରୁ ନ ଥିଲେ । ମାତ୍ର
ଦାନିୟେଲ ଉତ୍ତର ଦେଲେ ।

ତହିଁରେ ଦାନିୟେଲ

ରାଜାଙ୍କୁ ଡାକି କହିଲେ,

ହେ ମହାରାଜା ଚ଼ୀରଜୀବୀ ହେଉନ୍ତୁ, ମୋହର

ପରମେଶ୍ୱର ଆପଣା ଦୂତ ପଠାଇ ସିଂହ ମାନଙ୍କ ମୁଖ ବନ୍ଦ

କରିଅଛନ୍ତି । ସେମାନେ ମୋହର କୌଣସି କ୍ଷତୁ କରି ନାହାନ୍ତି ।

ପୁଣି, ହେ ମହାରାଜ, ମୁଁ

ଆପଣଙ୍କ ସାକ୍ଷାତରେ

ହିଁ କୌଣସି କ୍ଷତି

କରିନାହିଁ ।



ତହିଁରେ ରାଜା ଅତିଶୟ ଆନନ୍ଦିତ ହୋଇ ଆଣିବାକ ଗର୍ତ୍ତମଧ୍ୟରୁ ଉଠାଇ ଦାନିୟେଲଙ୍କୁ ଆଜ୍ଞା ଦେଲା ।



ରାଜା ଜାଣିଥିଲେ ଯେ ସଦାପ୍ରଭୁ ଦାନିୟେଲଙ୍କୁ ଉଦ୍ଧାର କରିଅଛନ୍ତି ଏବଂ ଦାନିୟେଲଙ୍କ ଶତୃମାନେ ସଦାପ୍ରଭୁଙ୍କ ଶତୃମାନେ ଅଟନ୍ତି । ପୁଣି ରାଜା ଆଜ୍ଞା କରନ୍ତେ ଲୋକମାନେ ଦାନିୟେଲଙ୍କର ଅପବାଦକାରୀ ମାନଙ୍କୁ ଆଣି ସେମାନଙ୍କୁ



ସିଂହମାନଙ୍କର ଗର୍ତ୍ତରେ ପକାଇଲେ । ସିଂହମାନେ ସେମାନଙ୍କୁ ଖାଇଲେ ।

ରାଜା ଦାରିୟାବସ ଚ଼ାହୁଁଥିଲେ ଯେ ସମୁଦାୟ ପୃଥିବୀ ସେହି ସ୍ୱର୍ଗବାସି ଇଶ୍ୱରଙ୍କ ବିଷୟରେ ଜ୍ଞାତ ହୁଅନ୍ତି ଯେ ତାଙ୍କର ଭକ୍ତ ଦାସକୁ ରକ୍ଷା କରିଅଛନ୍ତି । ତେଣି ସେ ଏକ ଆଜ୍ଞାପତ୍ର ସମୁଦାୟ ପୃଥିବୀକୁ ଲେଖିଲେ ଯେପରି ସେମାନେ ଜୀବୀତ ପରମେଶ୍ୱରଙ୍କ ଉପାସନା କରିବେ । ରାଜା ଦାନିୟେଲଙ୍କୁ ତାଙ୍କର ପଦବି ଓ ସମ୍ମାନ କଲେ ।



# ଦାନିୟେଲ ଏବଂ ସିଂହର ଗର୍ତ୍ତ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଦାନିୟେଲ ୬

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ୍ୟ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ
ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯ୍ୟନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬